To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ


ଜାମ୍ମୁ କାଶ୍ମୀରର ପ୍ରତ୍ୟେକ ଗାଁରେ ହେବ ଡିଜିଟାଲ ମ୍ୟାପିଙ୍ଗ




R.N.I. No.-42041/83 Vol-16, Issue No.11, ଭଦ୍ରକ, ଶୁକ୍ରବାର, ୬, ଜୁଲାଇ ୨୦୧୮ ■ Bhadrak, Friday, 6 July 2018 Rs. 2.00 Pages-8


# ଚର୍ଚ୍ଚାରେ ଗଭର୍ଣ୍ଣରଙ୍କ ବିମାନଯାତ୍ରା ଖର୍ଚ୍ଚ

- ରାଜଭବନ ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖିଲେ ରାଜ୍ୟ ସରକାର
- ସରକାରଙ୍କୁ ବିଜେପିର ଟାର୍ଗେଟ୍
- ଗଣତନ୍ତ୍ର ପ୍ରତି କ୍ଷତିକାରକ : କଂଗ୍ରେସ
- ସରକାରୀ ଅଧିକାରୀମାନେ ତାଙ୍କର କର୍ତ୍ତବ୍ୟ କରିଛନ୍ତି : ବିଜେଡି



ଭୁବନେଶ୍ୱର, ୫।୭ (ସକାଳ ଖବର): ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ବିମାନ ଓ ହେଲିକପ୍ଟର ଭଡ଼ାକୁ ନେଇ ବିବାଦ ଦେଖାଦେଇଛି। ଏ ସମ୍ପର୍କରେ କୈଫିୟତ ମାଗିଛି ସାଧାରଣ ପ୍ରଶାସନ ବିଭାଗ । ଗୁରୁବାର ଦିନ ଏନେଇ ରାଜଭବନକୁ ଚିଠି ଲେଖିଛନ୍ତି ରାଜ୍ୟ ସରକାର। ଗତ ଜୁନ୍ ୧୦ରୁ ୧୪ ଭିତରେ ରାଜ୍ୟପାଳ ବିମାନ ଓ ହେଲିକପ୍ଟର ବ୍ୟବହାର କରିଥିଲେ। ତେବେ କେଉଁ ପରିସ୍ଥିତିରେ ରାଜ୍ୟପାଳ ଗସ୍ତ କରିଥିଲେ ତାହା ଜଣାଇବାକୁ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖି ସାଧାରଣ ପ୍ରଶାସନ ବିଭାଗ ଉତର ମାଗିଛି। ତେବେ ରାଜ୍ୟପାଳଙ୍କୁ ସରକାରଙ୍କ ତରଫରୁ ଏଭଳି କୈଫିୟତ ମାଗିବା ଏବଂ ରିପୋର୍ଟ ତଲବ କରିବାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ରାଜ୍ୟପାଳଙ୍କ ଗସ୍ତ ଖର୍ଚ୍ଚକୁ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ଲେଖାଯିବା ଘଟଣାକୁ ନିନ୍ଦା କରିଛି ବିଜେପି । ବିଜେପି ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏଭଳି କୌଣସି ପ୍ରସଙ୍ଗ ଥିଲେ ରାଜ୍ୟ ସରକାର ସିଧାସଳଖ ରାଜ୍ୟପାଳଙ୍କ ସହ କଥା ହୋଇ ପାରିଥାନ୍ତେ। ମାତ୍ର ସାଧାରଣ ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇ ଏହାକୁ ସାର୍ବଜନୀନ କରି ରାଜ୍ୟପାଳଙ୍କ ଗାରିମା କ୍ଷୁର୍ଣ୍ଣ କରିବାକୁ ଉଦ୍ୟମ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ଲେଖିଥିବା ଚିଠି କିପରି ସାର୍ବଜନୀନ ହେଲା ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି । ବିଜେପି ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଭାଗ ରାଜ୍ୟପାଳଙ୍କୁ ଯାତାୟତର ହିସାବ ମାଗିଛି। ଏଥିରୁ ହୀନ ରାଜନୀତିର ବାସ୍ନା ଆସୁଛି। ମୁଖ୍ୟମନ୍ତ୍ରୀ ନିର୍ବାଚିତ ପ୍ରତିନିଧି ହୋଇ ବିଭିନ୍ନ ସ୍ଥାନକୁ ଯାତାୟତ କରୁଛି। ସେ ତାର ହିସାବ ଦେଇଛନ୍ତି କି ? ସାମ୍ବିଧାନିକ ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠାଇବା ଅରୁଚିକର ବୋଲି ସେ କହିଛନ୍ତି । ସେହିପରି ରାଜ୍ୟପାଳଙ୍କୁ ଯଦି ରାଜ୍ୟ ସରକାର ଗସ୍ତ ଖର୍ଚ୍ଚ ସମ୍ପର୍କରେ ହିସାବ ମାଗନ୍ତି ତେବେ ଏହା ଗଣତନ୍ତ୍ର ପ୍ରତି କ୍ଷତିକାରକ ବୋଲି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରକାଶ କରିଛନ୍ତି । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଙ୍କ ବିମାନ ଖର୍ଚ୍ଚ ସମ୍ପର୍କରେ ସାଧାରଣ ପ୍ରଶାସନ ପକ୍ଷରୁ ଚିଠି ଲେଖାଯିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ସେ ଏହା କହିଛନ୍ତି । ସେ କହିଛନ୍ତି ଯେ ବୋଧହୁଏ ରାଜ୍ୟ ସରକାର ଭାବୁଛନ୍ତି ରାଜ୍ୟପାଳ ବିଜେପି ଦଳର ଏବଂ ଉକ୍ତ ଦଳ ପାଇଁ କାର୍ଯ୍ୟ କରୁଛନ୍ତି । ସେଥିପାଇଁ ରାଜନୈତିକ ଅଭିସନ୍ଧି ରଖି ଏଭଳି ଚିଠି ଲେଖାଯାଇଛି ବୋଲି ଶ୍ରୀ ବାହିନୀପତି କହିଛନ୍ତି । ଅନ୍ୟପକ୍ଷରେ ରାଜ୍ୟପାଳଙ୍କ ଯାତାୟତ ଖର୍ଚ୍ଚକୁ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ଲେଖାଯିବ ସମ୍ପର୍କରେ ବିଜେଡି ନେତା ସମୀର ରଂଜନ ଦାଶ କହିଛନ୍ତି ଯେ ସାମ୍ବିଧାନିକ ବ୍ୟବସ୍ଥାରେ ସରକାରୀ ଅଧିକାରୀ ମାନେ ତାଙ୍କର କର୍ତବ୍ୟ କରିଛନ୍ତି । କିଛି ତ୍ରୁଟି ଥିବ ସେଥିପାଇଁ ଚିଠି ଦିଆଯାଇଛି। ସବୁ କଥାରେ ଭାରତୀୟ ଜନତା ପାର୍ଟି ନେତାମାନଙ୍କୁ ରାଜନୀତିର ବାସ୍ନା ହେଉଛି। ସେମାନେ ଯଦି ଓଷଧ ବିକଳରେ ତାଟିଆ କାମୁଡିବେ କଣ କରିପାରିବା ବୋଲି ସେ କହିଛନ୍ତି। ଗୁରୁବାର ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ତରଫରୁ ଜାରି ହୋଇଥିବା ଚିଠି ଅନୁଯାୟୀ ଗତ ଜୁନ ୧୦ ତାରିଖରୁ ୧୪ ତାରିଖ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଲାଲ୍ ବିମାନ ଓ ହେଲିକପ୍ଟର ବ୍ୟବହାର କରିଥିଲେ । ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରୁ ରାଜ୍ୟପାଳ ଦିଲ୍ଲୀ ଯାଇଥିଲେ। ଯେଉଁଥି ପାଇଁ ରାଜଭବନ ପକ୍ଷରୁ ୪୧ ଲକ୍ଷ ୧୮ ହଜାର ଟଙ୍କା ବିଲ୍ ଦିଆଯାଇଛି । (ପୃଷ୍ଠା-୭)

# ସେବାୟତ ପିନ୍ଧିବେ ୟୁନିଫର୍ମ !




- ଜିଲ୍ଲା ଜଜ୍‌ଙ୍କ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ
- ଶ୍ରୀମନ୍ଦିର ୱେବ୍‌ସାଇଟ୍‌କୁ ଅପ୍‌ଡେଟ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୫।୭: ଶ୍ରୀମନ୍ଦିରରେ ସେବାୟତଙ୍କ ଆଚରଣ କେମିତି? ଭକ୍ତ ଦେଉଥିବା ଦାନ ହୁଣ୍ଡିକୁ ଯାଉଛି ନା ଅନ୍ୟ କୁଆଡ଼େ ଯାଉଛି? ଭକ୍ତଙ୍କ ସୁରକ୍ଷା ପାଇଁ କି ପ୍ରକାର ବ୍ୟବସ୍ଥା ହୋଇଛି? ଏ ସବୁକୁ ଗୋଟି ଗୋଟି ଅନୁଧାନ କରି ପୁରୀ ଜିଲ୍ଲା ଜଜ୍ ଦେଇଥିବା ରିପୋର୍ଟକୁ ବିଚାରକୁ ନେଇଛନ୍ତି ସୁପ୍ରିମକୋର୍ଟ । ଏମିତିକି ଶ୍ରୀମନ୍ଦିର ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ଡ୍ରେସ୍ କୋଡ୍ କରିବାକୁ ରିପୋର୍ଟରେ ପ୍ରସ୍ତାବ ରହିଛି । ରିପୋର୍ଟରେ ଥିବା ସମସ୍ତ ସଂସ୍କାରମୂଳକ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ମନ୍ଦିର ପରିଚାଳନା କମିଟିକୁ କହିଛନ୍ତି କୋର୍ଟ । ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଆଦର୍ଶ କୁମାର ଗୋଏଲ ଓ ଜଷ୍ଟିସ ଅଶୋକ ଭୂଷଣଙ୍କ ଦୁଇ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି । ଏହି ପ୍ରଥମ ଦିନର ଶୁଣାଣିରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟକୁ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ପୁରୀ ଶ୍ରୀମନ୍ଦିର ୱେବ୍‌ସାଇଟ୍‌କୁ ଅପ୍‌ଡେଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ ୱେବସାଇଟ, କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଏବଂ ପୁରୀ ଶ୍ରୀମନ୍ଦିର ୱେବସାଇଟ୍‌ରେ ପୁରୀ ଜିଲ୍ଲା ଜଜ୍ ସର୍ବୋଚ୍ଚ ଅଦାଲତକୁ ଦେଇଥିବା ରିପୋର୍ଟକୁ ଅପଡେଟ୍ କରିବାକୁ ମଧ୍ୟ କହିଛନ୍ତି । ଜିଲ୍ଲା ଜଜ୍‌ଙ୍କ ରିପୋର୍ଟ ଦୁଇ ସପ୍ତାହ ପର୍ଯ୍ୟନ୍ତ ୱେବ୍‌ସାଇଟ୍ ଗୁଡିକରେ ଉପଲବ୍ଧ ହେବା ଆବଶ୍ୟକ । ଏହା ଉପରେ ଜନସାଧାରଣ (ପୃଷ୍ଠା-୭)

# ପୁଣି ଆଇଏଏସ୍ ବିନୋଦ୍ କୁମାରଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର,୫।୭ (ସକାଳ ଖବର): ଓଆରଏଚଡିସି ରେ ଆର୍ଥିକ ଅନିୟମିତତା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆଇଏଏସ୍ ଅଫିସର ବିନୋଦ କୁମାରଙ୍କ ଘର ଉପରେ ପୁଣି ଥରେ ଭିଜିଲାନ୍ସ ରେଡ୍ ହୋଇଛି। ଭିଜିଲାନ୍ସ ଡିଏସପି ନିର୍ମଳ ମହାନ୍ତିଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ବିନୋଦଙ୍କ ଭୁବନେଶ୍ୱର ନୟାପଲ୍ଲୀ ଭିଆଇପି ଏରିଆରେ ଥିବା ସରକାରୀ ବାସଭବନ ଉପରେ ଚଢାଉ କରିଥିଲା। ଗତକାଲି ପରି ଆଜି ମଧ୍ୟ ଭିଜିଲାନ୍ସ ଅଧିକାରୀମାନେ ବିନୋଦଙ୍କୁ ଗିରଫ କରିବାକୁ ଖୋଜିଥିଲେ ହେଁ ତାଙ୍କୁ ପାଇନଥିଲେ । ତେବେ ସେମାନେ ବିନୋଦଙ୍କ ବାସଭବନରୁ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଥିବା ଓଆରଏଚଡିସିର ତତ୍କାଳୀନ ଆକାଉଂଟସ ଅଫିସର ପ୍ରଦାପ ରାଉତଙ୍କ ନିଳାଦ୍ରିବିହାସ୍ଥିତ ଘରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ଏସମ୍ପର୍କରେ ଡିଏସପି ଶ୍ରୀ ମହାନ୍ତି କହିଛନ୍ତି ଯେ ଗତକାଲି ଆମେ ଆଇଏଏସ୍ ଅଧିକାରୀ ବିନୋଦ କୁମାରଙ୍କ ଘର ଉପରେ ଆମେ ଗତକାଲି ସଂଧ୍ୟାରେ ରେଡ୍ କରିଥିଲୁ , ଆଜି ମଧ୍ୟ କଲୁ । ତାଙ୍କ ବିରୋଧରେ ଏନବିଡବ୍ଲୁ ଜାରୀ ହୋଇଛି। ସେ ଏଠାରେ ନାହାନ୍ତି । ତାଙ୍କର ପତା ନମିଳିଲେ ତାଙ୍କୁ ପଳାତକ ଘୋଷଣା କରାଯିବ ଏବଂ ଏହା ପରେ ତାଙ୍କର ସମ୍ପତି ବାଜ୍ୟାପ୍ତି କରାଯିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଓଆର୍‌ଏଚଡିସିର ତତ୍କାଳୀନ ଏମଡି ତଥା ବରିଷ୍ଠ ଆଇଏଏସ୍ ବିନୋଦ କୁମାର ଦୋଷୀ ସାବ୍ୟସ୍ତ ହୋଇଥିଲେ । ବିନୋଦଙ୍କ ସମେତ ତତ୍କାଳୀନ ଆସିଷ୍ଟାଷ୍ଟ ମ୍ୟାନେଜର ସଂଜୟ ମହାନ୍ତି , ତତ୍କାଳୀନ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ, ତତ୍କାଳୀନ ଆକାଉଂଟସ ଅଫିସର ପ୍ରଦାପ ରାଉତ, ତତ୍କାଳୀନ ଆକାଉଂଟ ଚିତରଂଜନ ମହାନ୍ତି ଓ ଆଶିଷ ନାୟକଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ । କୋର୍ଟ ସଂଜୟ ମହାନ୍ତି ହାଜର ହୋଇଥିବାରୁ ତାଙ୍କୁ ତିନି ବର୍ଷ ସଜା ଶୁଣାଇଥିଲେ ଏବଂ ।ଇଏଏସ ବିନୋଦ କୁମାର ସମେତ ୫ ଜଣ କୋର୍ଟରେ ହାଜରେ (ପୃଷ୍ଠା-୭)

# ଝଡ଼ିଗଲା ଦୁଇ ନିଷ୍ପାପ ଜୀବନ



## ଦାୟୀ କିଏ ?

ନୂଆପଡ଼ା/ନୂଆଗାଁ, ୫।୭ (ସକାଳ ଖବର) : ଅକାଳରେ ଝଡ଼ିଗଲା ଦୁଇ ନିଷ୍ପାପଙ୍କ ଜୀବନ । ଏଥିପାଇଁ ଦାୟୀ କିଏ ତାହାକୁ ନେଇ ଉଠିଛି ପ୍ରଶ୍ନ । ଭୁଲ ଟୀକାକରଣ ଓ ଚିକିତ୍ସାରେ ଅବହେଳା ଯୋଗୁଁ ଦୁଇ ଦୁଇଟି ନିଷ୍ପାପ ଶିଶୁଙ୍କ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି । ନୂଆପଡ଼ାରେ ଭୁଲ ଟୀକାକରଣରୁ ଏକ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବାବେଳେ ନୟାଗଡ଼ରେ ଡାକ୍ତରଙ୍କ ଅବହେଳିତ ମନୋଭାବ ଯୋଗୁଁ ଏକ ଶିଶୁ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ନୂଆପଡ଼ା ତେଲକୋଇ ବାଂଶପାଳ ବ୍ଲକର ପୁସ୍କଳା ଗାଁରେ ଦାଶରଥୀ ଧାଙ୍ଗଙ୍କ ଦୁଇ ମାସର ଶିଶୁ ପୁତ୍ରକୁ ଗତକାଲି ଟୀକା ଦିଆଯାଇଥିଲା । ଟୀକା ନେବା ପରେ ହଠାତ ଅସୁସ୍ଥ ହୋଇ ପଡିଥିଲା ଶିଶୁଟି ଏବଂ ଟୀକା ନେଇଥିବା ସ୍ଥାନ ଓ ନାକରୁ ରକ୍ତ ବାହାରିବା ସହିତ ଜ୍ୱର ହୋଇଥିଲା । ବିଳମ୍ବିତ ରାତିରେ ଶିଶୁଟି ପ୍ରାଣ ହରାଇଛି । ଭୁଲ ଟୀକାକରଣ ଯୋଗୁଁ ତାର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ଉକ୍ତ ଲୋକମାନେ ଟୀକା ଦେଇଥିବା ଏଏନ୍‌ଏମ୍‌ଙ୍କୁ ଅଟକ ରଖିଛନ୍ତି । ସିଡିଏମଓ ନ ଆସିବା ଯାଏଁ ଏଏନଏମଙ୍କୁ ଛଡା ଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ତେବେ ଘଟଣାସ୍ଥଳକୁ ଏକ ଡାକ୍ତରୀ ଟିମ୍ ଅନୁଧ୍ୟାନ ପାଇଁ ପଠାଯାଇଥିବା କେନ୍ଦୁଝର ସିଡିଏମ୍‌ଓ ଡାକ୍ତର ସ୍ୱପ୍ନେଶ୍ୱର ଗନାୟକ କହିଛନ୍ତି । (ପୃଷ୍ଠା-୭)

# ଚିକିତ୍ସା ପାଇଁ ବାହାରକୁ ଯାଇପାରିବେ ପ୍ରଭାତ ବିଶ୍ୱାଳ

## ହାଇକୋର୍ଟ ଦେଲେ ଅନୁମତି



ଭୁବନେଶ୍ୱର, ୫।୭ (ସକାଳ ଖବର): କଟକ -ଚୌଦ୍ୱାରର ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳ ଅଧିକ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯାଇପାରିବେ ବୋଲି ହାଇକୋର୍ଟ ଅନୁମତି ଦେଇଛନ୍ତି। ସିସୋର ଚିଟଫଣ୍ଡ ସଂସ୍ଥା ସହ ଲିଙ୍କ୍ ଅଭିଯୋଗ ରେ ଗିରଫ ହୋଇଥିବା ବିଧାୟକ ଶ୍ରୀ ବିଶ୍ୱାଳ ବର୍ତ୍ତମାନ ଜାମିନ୍ ରେ ଅଛନ୍ତି । ସୂଚନାଯୋଗ୍ୟ ଯେ ସିସୋର ସଂସ୍ଥା ସହିତ ଜମି କାରବାର ହୋଇଥିବା ଅଭିଯୋଗର ସିବିଆଇ ଗତ ବର୍ଷ ସେପ୍ଟେମ୍ବର ୧୯ ତାରିଖରେ ପ୍ରଭାତଙ୍କୁ ଗିରଫ କରିଥିଲା। ଜାମିନ୍ ନାମଂଜୁର ହେବା ପରେ ତାଙ୍କୁ ଝାରପଡା ଜେଲ ପଠାଇ ଦିଆଯାଇଥିଲା। ତେବେ ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ଏସସିବି ମେଡିକାଲରେ ଭର୍ତି କରାଯାଇଥିଲା। ବର୍ତମାନ ସେ ସେଠାରେ ରହି ଚିକିତ୍ସିତ ହେଉଛନ୍ତି । ସେହିପରି ଗତ ୨୬ ତାରିଖରେ ହାଇକୋର୍ଟ ତାଙ୍କୁ ଜାମିନ୍ ପ୍ରଦାନ କରିଥିଲେ । ତାଙ୍କ ମେରୁଦଣ୍ଡ ଓ ପାକସ୍ଥଳିରେ ସଂକ୍ରମଣ କାରଣରୁ ଅଧିକ ଚିକିତ୍ସା ଆବଶ୍ୟକ ରହିଥିବା ଦର୍ଶାଇ ରାଜ୍ୟ ବାହାରକୁ ଯିବା ଲାଗି କୋର୍ଟରେ ଆବେଦନ କରିଥିଲେ ।



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।

# କେନ୍ଦ୍ରୀୟ ଡେପୁଟେସନ୍‌ରେ ଗଲେ ଅରୁଣ ରାୟ

ଭୁବନେଶ୍ୱର, ୫।୭ (ସକାଳ ଖବର): ବରିଷ୍ଠ ଆଇପିଏସ ଅଫିସର ତଥା ଏଡ଼ିଜି କମ୍ୟୁନିକେଶନ ଅରୁଣ ରାୟ କେନ୍ଦ୍ରକୁ ଡେପୁଟେସନରେ ଯାଇଛନ୍ତି । ତାଙ୍କୁ ଟି. ବୋର୍ଡ଼ର ଡେପୁଟି ଚେୟାରମ୍ୟାନ ଭାବେ ନିଯୁକ୍ତି ଦିଆଯାଇଛି । ତାଙ୍କ ସ୍ଥାନରେ ସତ୍ୟଜିତ ମହାନ୍ତିଙ୍କୁ ଏହି ସଂସ୍ଥାର ଅତିରିକ୍ତ ଦାୟିତ୍ୱରେ ରଖାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର ଡେପୁଟେସନରେ ଯାଇଥିବା ଓଡ଼ିଶା କ୍ୟାଡ଼ରର ଆଇଏଏସ ଅଫିସର ଅପରାଜିତା ଷଡ଼ଙ୍ଗୀ ଆସନ୍ତା ଅକ୍ଟୋବର ମାସରେ ଓଡ଼ିଶା ଫେରିବେ ବୋଲି ଜଣାପଡ଼ିଛି ।



ହୁଣ୍ଡିର ଆୟ (୫.୭.୧୮)
୫୧,୦୭୦

# ଏସ୍‌ମା ଅବଧି ୬ ମାସ ବୃଦ୍ଧି

ଭୁବନେଶ୍ୱର, ୫।୭ (ସକାଳ ଖବର): ଜରୁରୀକାଳୀନ ସେବା ଅତ୍ୟାବଶ୍ୟକ ସେବା ସଂସ୍ଥା ମାନଙ୍କରେ କାର୍ଯ୍ୟରତ ଥିବା କର୍ମଚାରୀ ମାନଙ୍କର ଆନ୍ଦୋଳନ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ଜାରି କରାଯାଇଥିବା କଟକଣା ଏସମାର ଅବଧି (ପୃଷ୍ଠା-୭)




ସାହାସର ପ୍ରତିମୂର୍ତ୍ତିଙ୍କ ସ୍ମରଣେ

ବାବୁ ଜଗଜୀବନ ରାମଙ୍କ ପୁଣ୍ୟତିଥିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି

"ମୁଁ ଶ୍ରଦ୍ଧେୟ ଜଗଜୀବନ ରାମ ଜୀଙ୍କୁ ତାଙ୍କ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପିତ କରୁଛି । ସେ ଆଜୀବନ ଦୁର୍ବଳ ବର୍ଗଙ୍କ କଲ୍ୟାଣ ପାଇଁ କାମ କରୁଥିଲେ ।"

- ନରେନ୍ଦ୍ର ମୋଦି

ସ୍ଥାନ : ସମତା ସ୍ଥଳ, ରାଜଘାଟପାର୍ଶ୍ୱ, | ନୂଆଦିଲ୍ଲୀ ତାରିଖ : ୬ ଜୁଲାଇ, ୨୦୧୮ ଶୁକ୍ରବାର | ସମୟ: ସକାଳ ୭.୩୦ ସମୟରୁ ୮.୦୦ ପର୍ଯ୍ୟନ୍ତ

ଏକ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଶାସକ, ବାବୁ ଜଗଜୀବନ ରାମ ଯିଏକି ବାବୁଜୀଙ୍କ ନାମରେ ପରିଚିତ, ସେ ଏକ ନ୍ୟାୟପୂର୍ଣ୍ଣ ଓ ସମତାବାଦୀ ସମାଜ ନିର୍ମାଣ ପାଇଁ ପଚାଶ ବର୍ଷ ପର୍ଯ୍ୟନ୍ତ ସଂଘର୍ଷ କରିଥିଲେ । ରାଷ୍ଟ୍ରୀୟ ନେତା, ସାଂସଦ, କେନ୍ଦ୍ରମନ୍ତ୍ରୀ ତଥା ବଞ୍ଚିତବର୍ଗଙ୍କ ଚାମ୍ପିଅନ୍ ଭାବେ ତାଙ୍କର ରାଜନୈତିକ ବିରାସତ, ଆମକୁ ଭାରତର ସେହି ନେତୃତ୍ୱ, ଆଦର୍ଶବାଦୀ ତଥା ଅଦମ୍ୟ ଭାବନାକୁ ସ୍ମରଣ କରିଥାଏ, ଯିଏକି ଦେଶ ପାଇଁ ନା କେବଳ ସଂଘର୍ଷ କରିଥିଲେ ଓ ସ୍ୱତନ୍ତ୍ରତା ହାସଲ କରିଥିଲେ, ପରନ୍ତୁ ଏକ ଆଧୁନିକ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ମଜବୁତ୍ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ । ଆଜି, ଆମେ ଭାରତର ଏହି ମହାନ୍ ସୁପୁତ୍ରଙ୍କୁ ପ୍ରଣାମ କରୁଛୁ ।

ବାବୁ ଜଗଜୀବନ ରାମ ରାଷ୍ଟ୍ରୀୟ ପ୍ରତିଷ୍ଠାନ
ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ
ଭାରତ ସରକାର
www.socialjustice.nic.in

davp 38101/13/0032/1819



Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick